# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**23 July - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଗତ ହେଲା ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍
  - ନିଯୁକ୍ତି, ଦକ୍ଷତା, ଏମ୍.ଏସ୍.ଏମ୍.ଇ ଏବଂ ମଧ୍ୟବିତ୍ତବର୍ଗ ଉପରେ ବଜେଟ୍ ହୋଇଛି କେନ୍ଦ୍ରୀଭୂତ; କହିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ
  - ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ବେଳାଭୂମି ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶାକୁ ମିଳିବ ସ୍ୱତନ୍ତ୍ର ସହାୟତା
- ଉପବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କଲେ ବିଜେପି ବିଧାୟକ ଭବାନୀ ଶଙ୍କର ଭୋଇ
- ସାରା ଦେଶରେ ଆଜି ପାଳିତ ହେଉଛି ଜାତୀୟ ପ୍ରସାରଣ ଦିବସ

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଚାରୋଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା

*Desk*

# ବଜେଟ୍-୨୦୨୪

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଲୋକସଭାରେ ଆଗତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ତୃତୀୟ କାର୍ଯ୍ୟକାଳର ଏହା ହେଉଛି ପ୍ରଥମ ବଜେଟ୍। ବଜେଟ୍ ଆଗତ ହେବା ପୂର୍ବରୁ ପରମ୍ପରା ଅନୁଯାୟୀ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଥିଲେ।

କେନ୍ଦ୍ର ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି, ଏହି ବଜେଟ୍ ମୁଖ୍ୟତଃ ନିଯୁକ୍ତି, ଦକ୍ଷତା, ଏମ୍‌ଏସ୍‌ଏମ୍‌ଇ ଏବଂ ମଧ୍ୟବିତ୍ତ ବର୍ଗ ଉପରେ କେନ୍ଦ୍ରୀଭୂତ ହୋଇଛି।

ଆଗାମୀ ୫ ବର୍ଷ ମଧ୍ୟରେ ୪ କୋଟି ୧ ଲକ୍ଷ ଯୁବକଙ୍କୁ ରୋଜଗାର ଯୋଗାଇ ଦେବା ଲାଗି ୫ଟି ଯୋଜନାରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ବଜେଟ୍ ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି।

ଚଳିତ ବଜେଟ୍‌ରେ ୯ଟି ବିଷୟକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ସେଗୁଡ଼ିକ ମଧ୍ୟରେ କୃଷି, ନିଯୁକ୍ତି ଏବଂ ଦକ୍ଷତା, ମାନବ ସମ୍ବଳ ବିକାଶ ଓ ସାମାଜିକ ନ୍ୟାୟ, ଉତ୍ପାଦନ ଏବଂ ସେବା, ନଗର

ଉନ୍ନୟନ, ଶକ୍ତି ସୁରକ୍ଷା, ଭିତ୍ତିଭୂମି, ଉଦ୍ଭାବନ, ଗବେଷଣା ଏବଂ ବିକାଶ ଓ ଉତ୍ପାଦକତା ଓ ସ୍ଥିରତା ଅନ୍ତର୍ଭୁକ୍ତ।

ଚଳିତବର୍ଷ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧. ୫୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟଗୁଡ଼ିକ ସହଭାଗିତାରେ ସରକାର ଆଗାମୀ ୩ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି କାର୍ଯ୍ୟକାରୀ କରାଯିବ।

ସମବାୟ କ୍ଷେତ୍ରର ଶୃଙ୍ଖଳିତ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଏକ ଜାତୀୟ ସହଯୋଗ ନୀତି ଆଣିବେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

ବଜେଟ୍‌ରେ ପ୍ରଥମ ଥର ପାଇଁ କର୍ମଚାରୀମାନଙ୍କ ଲାଗି ଏକ ନୂଆ ଯୋଜନା ଆରମ୍ଭ କରାଯାଇଛି। ଯେଉଁଥିରେ ୨ କୋଟି ୧୦ ଲକ୍ଷ ଯୁବକ ଉପକୃତ ହେବେ।

ଶ୍ରୀମତୀ ସୀତାରମଣ କହିଛନ୍ତି, ଦେଶର ପୂର୍ବାଞ୍ଚଳର ସର୍ବାଙ୍ଗିନ ବିକାଶ ନିମନ୍ତେ  ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ସରକାର ପୂର୍ବୋଦୟ ନାମକ ଏକ ଯୋଜନା ପ୍ରସ୍ତୁତ କରିବେ। ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ପାଇଁ ବଜେଟ୍‌ରେ ବିଶେଷ ଘୋଷଣା କରାଯାଇଛି। ଓଡ଼ିଶାର ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ବେଳାଭୂମି

ପର୍ଯ୍ୟଟନର ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

**- V/O -**

ବଜେଟ୍‌ରେ ଆୟକର ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି । କେନ୍ଦ୍ର ସରକାର ନୂଆ ଟିକସ ବ୍ୟବସ୍ଥାରେ ଆୟକରରେ ବେତନଭୋଗି କର୍ମଚାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକସନ୍‌କୁ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ପେନ୍‌ସନ୍‌ଭୋଗୀଙ୍କ ପାଇଁ ପାରିବାରିକ ପେନ୍‌ସନ୍ ଉପରେ ରିହାତି ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ନୂଆ ଟିକସ ବ୍ୟବସ୍ଥାରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଆୟକର ଲାଗୁ ହେବ ନାହିଁ । ୩ ଲକ୍ଷରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୫ ପ୍ରତିଶତ ୭ ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୦ ପ୍ରତିଶତ, ୧୦ ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୫ ପ୍ରତିଶତ, ୧୨ ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨୦ ପ୍ରତିଶତ ଓ ୧୫ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଆୟକର ଦେବାକୁ ପଡିବ । ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ ଦେବଦାସ ମହାକୁଡ଼ କହିଛନ୍ତି...

**- V/O -**

ଅନ୍ୟପକ୍ଷରେ ନୂଆ ପେନ୍‌ସନ୍ ସ୍କିମ୍-ଏନ୍.ପି.ଏସ୍. ବାବଦରେ କେନ୍ଦ୍ର ସରକାର ନିଯୁକ୍ତିଦାତାଙ୍କ ରିହାତି ନିମନ୍ତେ କର୍ମଚାରୀଙ୍କ ଦରମାର ଅଂଶଧନ ୧୦ ରୁ ୧୪ ପ୍ରତିଶତକୁ ବୃଦ୍ଧି କରିଛନ୍ତି।

ସୁନା ଓ ମୂଲ୍ୟବାନ ଧାତୁ ଅଳଙ୍କାରର ଘରୋଇ ମୂଲ୍ୟବୃଦ୍ଧି ହ୍ରାସ କରିବା ପାଇଁ ସୁନା ଓ ରୂପା ଉପରେ ସୀମା ଶୁଳ୍କ ୬ ପ୍ରତିଶତ ଏବଂ ପ୍ଲାଟିନମ୍ ଉପରେ ସୀମା ଶୁଳ୍କ ୬ ଦଶମିକ ୪ ପ୍ରତିଶତକୁ ହ୍ରାସ କରାଯାଇଛି।

***BBSR***

## ଉପବାଚସ୍ପତି ନାମାଙ୍କନ

ଓଡ଼ିଶା ବିଧାନସଭାର ଉପବାଚସ୍ପତି ପଦ ପାଇଁ ତଳସରା ବିଜେପି ବିଧାୟକ ଭବାନୀ ଶଙ୍କର ଭୋଇ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉପବାଚସ୍ପତି ନିର୍ବାଚନ ନେଇ ବିଧାନସଭା ଅଧିବେଶନର ଦ୍ୱିତୀୟ ଦିନରେ ବାଚସ୍ପତି ସୁରମା ପାଢ଼ି ଆଜି ଗୃହରେ ଘୋଷଣା କରିଥିଲେ। ଏହାପରେ ବିଧାୟକ ଶ୍ରୀ ଭୋଇ ବିଧାନସଭା ସଚିବଙ୍କଠାରେ ବିଧିବଦ୍ଧ ଭାବେ ଉପବାଚସ୍ପତି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଉପସ୍ଥିତ ଥିଲେ। ଶ୍ରୀ ଭୋଇ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ନିଶ୍ଚିତ ହୋଇଛି।

***BBSR/Assembly***

## ଗୃହ ମୁଲତବୀ

ରାଜ୍ୟ ବିଧାନସଭା ଅଧିବେଶନର ଆଜି ଦ୍ୱିତୀୟ ଦିନରେ ବୈଠକ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ଗୃହରେ ହଟ୍ଟଗୋଳ କରାଯାଇଥିଲା। ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମ୍ଭବ ହୋଇପାରି ନଥିଲା। ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ଟେବୁଲ ବାଡ଼େଇବା ସହ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ି ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ତେବେ ପୁନର୍ବାର ବୈଠକ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ବାଚସ୍ପତି ବାରମ୍ବାର ଗୃହ ପରିଚାଳନାରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ନିବେଦନ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନ ଥିଲା। ଫଳରେ ବାଧ୍ୟ ହୋଇ ବାଚସ୍ପତି ଗୃହକୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

***BBSR***

## ତାଳଗଛ ରୋପଣ

ବଜ୍ରପାତରୁ ରକ୍ଷା ପାଇବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବ୍ୟାପକ ତାଳ ଗୋଟମା ରୋପଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଆବଶ୍ୟକ ଅର୍ଥ

ମଞ୍ଜୁର କରିଛନ୍ତି। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଜଙ୍ଗଲ ଚର୍ତୁପାର୍ଶ୍ୱର ପରିସୀମାରେ ମୋଟ୍ ୧୯ ଲକ୍ଷ ତାଳ ଗୋଟମା ରୋପଣ ପାଇଁ ପ୍ରସ୍ତାବ ରହିଛି। ସମ୍ପୃକ୍ତ ବିଭାଗ ଦ୍ୱାରା ଏହି କାର୍ଯ୍ୟ କରିବା ପାଇଁ ହାତକୁ ନିଆଯାଇଛି। ଏଥିରେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ପଞ୍ଚାୟତ ସଂସ୍ଥା ଓ ଗ୍ରାମବାସୀଙ୍କୁ ସାମିଲ କରାଯିବାର ଯୋଜନା ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଶାସକ ଦଳ ବିଧାୟକ ଲକ୍ଷ୍ମଣ ବାଗଙ୍କ ଏକ ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ବିଧାନସଭାରେ ଏହା କହିଛନ୍ତି।

***Desk***

## ଜାତୀୟ ପ୍ରସାରଣ ଦିବସ

ଆଜି ସାରା ଦେଶରେ ଜାତୀୟ ପ୍ରସାରଣ ଦିବସ ପାଳନ ହେଉଛି। ଦେଶର କମ୍ୟୁନିଟି ରେଡିଓ ପ୍ରସାରଣର ଜନ୍ମକୁ  ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଜୁଲାଇ ୨୩ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଆଜିର ଦିନରେ ଯୋଗାଯୋଗ, ମନୋରଞ୍ଜନ ଏବଂ ଶିକ୍ଷାର ଏକ ମାଧ୍ୟମ ଭାବରେ ରେଡିଓର ପ୍ରଭାବକୁ ମନେ ରଖିବା ଏବଂ ପ୍ରଶଂସା କରାଯାଇଥାଏ। ସାରା ଭାରତର ଲୋକଙ୍କୁ ଯୋଡ଼ିବା ସହିତ ଖବର, ସଙ୍ଗୀତ ଏବଂ କାହାଣୀ ବାଣ୍ଟିବାରେ ରେଡିଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହା ଦେଶର ସାଂସ୍କୃତିକ ଏବଂ ସାମାଜିକ ଦୃଶ୍ୟପଟ୍ଟକୁ ନୂତନ ରୂପ ଦେଇଛି। ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କମ୍ପାନୀ–ଆଇ.ବି.ସି.

ସେତେବେଳର ବମ୍ବେରୁ ଆଜିର ଦିନରେ ଏହାର ପ୍ରଥମ ରେଡିଓ ପ୍ରସାରଣ କରିଥିଲା । ପରବର୍ତ୍ତୀ ସମୟରେ ସରକାର ଆଇ.ବି.ସି.କୁ ନିଜ ହାତକୁ ନେଇଥିଲେ ଏବଂ ୧୯୩୬ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ ଅଲ୍ ଇଣ୍ଡିଆ ରେଡିଓ– ଏ.ଆଇ.ଆର୍ ରଖାଯାଇଥିଲା । ସେବେଠାରୁ ଆକାଶବାଣୀ ବିଶ୍ୱର ସର୍ବବୃହତ ରେଡିଓ ନେଟଓ୍ୱର୍କଭାବେ ଦେଶର ଲକ୍ଷ ଲକ୍ଷ ଶ୍ରୋତାଙ୍କ ନିକଟରେ ପହଁଞ୍ଚିଛି ।

ଜାତୀୟ ପ୍ରସାରଣ ଦିବସ ଅବସରରେ ଭୁବନେଶ୍ୱରର ଆଉଟ୍ ରିଚ୍ ସଂସ୍ଥା ପକ୍ଷରୁ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି । ଆଜି ଅପରାହ୍ନରେ ଜୟଦେବଭବନଠାରେ ରେଡିଓ ସମ୍ବାଦ ପଠନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ହେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

***MET***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବର୍ତ୍ତମାନ ମଧ୍ୟପ୍ରଦେଶ ଉପରେ ରହି ଏକ ଟ୍ରଫ୍ ଲାଇନ୍ ଓଡ଼ିଶା ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବରଗଡ଼, ବୌଦ୍ଧ, ସୋନପୁର ଏବଂ ସମ୍ବଲପୁର ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ଦେବଗଡ଼, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କଟକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଆସନ୍ତାକାଲି ମଧ୍ୟ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି ।

*********************************